EDUCATIONAL GROUP
Changing your Tomorrow

- CLASS: V
- SUBJECT : ଓଡ଼ିଆ
- CHAPTER NAME : ପାଠ- ୧୩ ଉତ୍କଳପୁତ୍ର ପ୍ୟାରୀମୋହନ
-
- SUBTOPIC : ବିଷୟ ବ୍ୟାଖ୍ୟା ଓ ଶବ୍ଦାର୍ଥ
-



Website: www.odmegroup.org
Email: info@odmps.org
Toll Free: 1800 120 2316
Sishu Vihar, Infocity Road, Patia, Bhubaneswar- 751024

Edit with WPS Office

ODM
EDUCATIONAL GROUP
Changing your Tomorrow



Edit with WPS Office

ପ୍ୟାରୀମୋହନ ଆଚାର୍ଯ୍ୟ ୧୮୫୧-୧୮୮୧

AJLGB2

# ଉତ୍କଳପୁତ୍ର ପ୍ୟାରୀମୋହନ

ଡ. ଭ୍ରମରବର ସାମଲ




ଆଜକୁ ପ୍ରାୟ ଶହେ ବର୍ଷ ତଳର କଥା । ସେକାଳର ଗୋଟିଏ ପତ୍ରିକାରେ 'ଦରଖାସ୍ତ କୁତିଆନ୍' ଅର୍ଥାତ୍ "ଢୋଡାମାନଙ୍କର ନିବେଦନ" ନାମରେ ବ୍ୟଙ୍ଗାତ୍ମକ ଲେଖାଟିଏ ପ୍ରକାଶ ପାଇଲା । ଏହା କଟକ ସହରର ଆବର୍ଜନାପୂର୍ଣ୍ଣ ଅପରିଷ୍କୃତ ରାସ୍ତାକୁ ଲକ୍ଷ୍ୟ କରି ଲେଖାଯାଇଥିଲା । ସେତେବେଳେ ଇଂରେଜମାନେ ଥିଲେ ଏ ଦେଶର ଶାସନକର୍ତ୍ତା । ସେମାନଙ୍କ ମଧ୍ୟରେ ଏହି ଲେଖାଟି ପ୍ରତିକ୍ରିୟା ସୃଷ୍ଟି କଲା । ତତ୍କାଳୀନ ଜିଲା ମାଜିଷ୍ଟ୍ରେଟ୍ ଏରଭିଙ୍ଗ୍ ସାହେବ ଅତ୍ୟଧିକ ଭାବରେ ରାଗିଗଲେ । ଲେଖାଟିର ପ୍ରକୃତ ଲେଖକ କିଏ ବୋଲି ଖୋଜା ଚାଲିଲା । ଜଣାପଡ଼ିଲା ଯେ ଲେଖକ ଜଣକ ହେଉଛି କଟକ କଲେଜର ଦ୍ୱିତୀୟ ବାର୍ଷିକ ଶ୍ରେଣୀର ଜଣେ ଛାତ୍ର । ସେହି କଲେଜରେ ଅଧ୍ୟକ୍ଷ ଥିଲେ ଚଣ୍ଡୀଚରଣ ବାବୁ । ତାଙ୍କୁ ସରକାରୀ ନିର୍ଦ୍ଦେଶ ଦିଆଗଲା ଉକ୍ତ ଛାତ୍ରକୁ କଲେଜରୁ ବହିଷ୍କାର କରିଦେବାପାଇଁ । ଚଣ୍ଡୀଚରଣ ବାବୁ ପିଲାଟିକୁ ନିଜ ଅଫିସକୁ ଡକାଇ କ୍ଷମା ମାଗିବାପାଇଁ ପରାମର୍ଶ ଦେଲେ; କିନ୍ତୁ ସ୍ୱାଧୀନଚେତା ନିର୍ଭୀକ ଛାତ୍ରଟି ଏଥିରେ ସମ୍ମତ ହେଲା ନାହିଁ । ସେ ଦୃଢ଼ କଣ୍ଠରେ କହିଲା, "ସାର୍ ! ଯାହା ଲେଖାଯାଇଛି ତାହା ଅକ୍ଷରେଅକ୍ଷରେ ସତ୍ୟ । ମୁଁ ଏପରି ଏକ ସତ୍ୟ ଘଟଣା ପ୍ରକାଶ କରି କିଛି ଭୁଲ୍ କରିନାହିଁ । ମୋ ପକ୍ଷରେ ଏପରି ଅନ୍ୟାୟ କ୍ଷମା ପ୍ରାର୍ଥନା କରିବା ସମ୍ଭବ ନୁହେଁ ।" ପିଲାଟିର ଏପରି ଦୃଢ଼ ମନୋଭାବ ହେତୁ ଶେଷରେ ସେ କଲେଜରୁ ବହିଷ୍କୃତ ହେଲା । ଦୃଢ଼ମନା ବ୍ୟକ୍ତି ନିଜ ସିଦ୍ଧାନ୍ତରେ ଅଟଳ ରହି ବହୁ ବାଧାବିଘ୍ନର ସମ୍ମୁଖୀନ ହୋଇଥା'ନ୍ତି; କିନ୍ତୁ ସେହି ଦୃଢ଼ତା ହିଁ ତାଙ୍କୁ ପରିଶେଷରେ ଅପୂର୍ବ ସାଫଲ୍ୟ ଆଣି ଦେଇଥାଏ ।

ଏହି ଦୃଢ଼ମନା ଛାତ୍ରଜଣକ ହେଉଛନ୍ତି ଉତ୍କଳର ବରପୁତ୍ର ପ୍ୟାରୀମୋହନ ଆଚାର୍ଯ୍ୟ । ସରକାରୀ ଶିକ୍ଷାନୁଷ୍ଠାନର ମନମୁଖି ନୀତି ଯୋଗୁଁ ସେ କଲେଜରୁ ବହିଷ୍କୃତ ହେବାରୁ ତାଙ୍କ ମନରେ ଘୋର ବିତୃଷ୍ଣା ଜାତ ହେଲା । ସେ ସଂକଳ୍ପ କଲେ ଯେ ସରକାରୀ ନିୟନ୍ତ୍ରଣରୁ ମୁକ୍ତ ଏକ ସ୍ୱାଧୀନ ଶିକ୍ଷାନୁଷ୍ଠାନ ଗଠନ କରିବେ । ସେ ସତ କହିବାରୁ ତାଙ୍କ ଜୀବନରେ ଯାହା ଘଟିଲା, ଏହା କୌଣସି ସ୍ୱାଧୀନ, ମୁକ୍ତିକାମୀ ମଣିଷର ଭାଗ୍ୟରେ ନ

Edit with WPS Office

ODM EDUCATIONAL GROUP
Changing your Tomorrow

# ଶବ୍ଦାର୍ଥ

ODM EDUCATIONAL GROUP
Changing your Tomorrow

ଦରଖାସ୍ତ ଜୁତିଆନ୍ - ଏକ ପତ୍ରିକାର ନାମ

ବ୍ୟଙ୍ଗାତ୍ମକ – ମଜାଳିଆ

ଆବର୍ଜନାପୂର୍ଣ୍ଣ – ଅଳିଆ ଅପରିଷ୍କାର

ନିର୍ଭୀକ – ଭୟ ନାହିଁ ଯାହାର

ଦୃଢମନା- ଦୃଢ ମନବୃତ୍ତି

Edit with WPS Office

# ଶବ୍ଦାର୍ଥ

ମୁକ୍ତିକାମୀ – ଉଚ୍ଚ ଅଭିଳାଷା

ବିତୃଷ୍ଣା – ଘୃଣାଭାବ

ମନମୁଖି – ନିଜ ମନଇଚ୍ଛା

ସଂକଳ୍ପ – ପ୍ରତିଜ୍ଞା

ODM EDUCATIONAL GROUP
Changing your Tomorrow

Edit with WPS Office

ODM EDUCATIONAL GROUP
Changing your Tomorrow

ଘଟୁ, ଏହି କଥା ସେ ଚିନ୍ତା କଲେ । ତାଙ୍କର ଏହି ସଂକଳ୍ପରୁ ଜନ୍ମ ନେଲା 'କଟକ ଏକାଡେମୀ' ନାମରେ ଏକ ମଧ୍ୟ ଇଂରାଜୀ ବିଦ୍ୟାଳୟ । ଏହି ବିଦ୍ୟାଳୟଟି କଟକଠାରେ ୧୮୭୫ ମସିହାରେ ସ୍ଥାପନ କରାଗଲା । ପରେ ୧୮୭୯ ମସିହାରେ ଏହା ଉଚ୍ଚ ଇଂରାଜୀ ବିଦ୍ୟାଳୟରେ ପରିଣତ ହେଲା । ପ୍ରଥମେ ପ୍ୟାରୀମୋହନ ନିଜେ ଏହି ବିଦ୍ୟାଳୟରେ ଶିକ୍ଷକତା କରିଥିଲେ । ବିଦ୍ୟାଳୟର ଆର୍ଥିକ ଅବସ୍ଥାକୁ ସୁଧାରିବାପାଇଁ ପରବର୍ତ୍ତୀ ସମୟରେ ସେ ଅନ୍ୟତ୍ର ଚାକିରି କଲେ । ଚାକିରିରୁ ଯାହା ଉପାର୍ଜନ କରୁଥିଲେ ସେ ସବୁତକ ବିଦ୍ୟାଳୟର ପରିଚାଳନା ପାଇଁ ବ୍ୟୟ କରୁଥିଲେ । ତାଙ୍କ ଦେହାନ୍ତ ପରେ ଏହି ବିଦ୍ୟାଳୟ "ପ୍ୟାରୀମୋହନ ଏକାଡେମୀ" ନାମରେ ନାମିତ ହୋଇଅଛି ।

ଓଡ଼ିଶାର ଶିକ୍ଷାକ୍ଷେତ୍ରରେ ଏହି ବିଦ୍ୟାଳୟଟି ମୁଖ୍ୟ ଭୂମିକା ଗ୍ରହଣ କରିଛି । ବହୁ ସ୍ୱନାମଧନ୍ୟ ବ୍ୟକ୍ତି ଏଠାରେ ଶିକ୍ଷକତା କରିଥିଲେ । ଭାରତର ସ୍ୱାଧୀନତା ସଂଗ୍ରାମର ମହାନ୍ ରଥୀ ଲାଲ୍-ବାଲ୍-ପାଲ୍‌ଙ୍କ ମଧ୍ୟରୁ ବଙ୍ଗଳାର ବିପିନ ଚନ୍ଦ୍ର ପାଲ୍ ଏହି ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଭାବେ କିଛିଦିନ କାର୍ଯ୍ୟ କରିଥିଲେ । ସେହିପରି ଓଡ଼ିଶାର ଋଷିପ୍ରତିମ ଆଚାର୍ଯ୍ୟ ହରିହର ଦାସ ମଧ୍ୟ ଏହି ବିଦ୍ୟାଳୟରେ ଶିକ୍ଷକତା କରିଥିଲେ ।

ଓଡ଼ିଶା ଭାଷା ଓ ସାହିତ୍ୟ କ୍ଷେତ୍ରରେ ପ୍ୟାରୀମୋହନ ଆଚାର୍ଯ୍ୟଙ୍କ ଅବଦାନ ଅବିସ୍ମରଣୀୟ । ଓଡ଼ିଆ ଜାତିର ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ତାଙ୍କର ଜନ୍ମ । କ୍ଷଣଜନ୍ମା ପ୍ୟାରୀମୋହନଙ୍କ ଆୟୁ ସୀମା ଥିଲା ମାତ୍ର ତିରିଶ ବର୍ଷ । ଏହି ସ୍ୱଳ୍ପକାଳ ହେଉଛି ତାଙ୍କର ସଂଗ୍ରାମ ଓ ସାଧନାର ଜୀବନ । ସେ ଆନ୍ତରିକ ଭାବରେ ଉତ୍କଳକୁ ଭଲ ପାଉଥିଲେ । ସେ ନିଜର କରିନେଇଥିଲେ ଉତ୍କଳର ଭାଷା ଓ ସଂସ୍କୃତିକୁ । ଫଳରେ ଉତ୍କଳରେ ଶିକ୍ଷାର ବିକାଶ, ସମାଜ କଲ୍ୟାଣ ଓ ଦେଶସେବା ନିମନ୍ତେ ନିଜକୁ ଉତ୍ସର୍ଗ କରି ଦେଇଥିଲେ ।

Edit with WPS Office

# ଶବ୍ଦାର୍ଥ

ODM EDUCATIONAL GROUP
Changing your Tomorrow

ଉପାର୍ଜନ – ଅର୍ଥ କମାଇବା

ବ୍ୟୟ – ଖର୍ଚ୍ଚ କରିବା

ଅବିସ୍ମରଣୀୟ – ଯାହା ସବୁବେଳେ ମନେ ରହିବ

କ୍ଷଣଜନ୍ମା – ଅଳ୍ପ ଆୟୁଷ

Edit with WPS Office

# ଗୃହକର୍ମ

## କଠିନ ଶବ୍ଦ ଗୁଡ଼ିକୁ ଅଭ୍ୟାସ କର



# THANKING YOU
# ODM EDUCATIONAL GROUP

Edit with WPS Office